# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ମୁନିଗୁଡା

ପତ୍ର ସଂଖ୍ୟା - 1610/2025 — ତାରିଖ - 13.05.2025

**ଆମ ବସଷ୍ଟାଣ୍ଡ, ମୁନିଗୁଡା ପରିସରଭୁକ୍ତ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ପାଇଁ ନୋଟିସ :-**

ଏତଦ୍ୱାରା ମୁନିଗୁଡା ପଞ୍ଚାୟତ ସମିତି  ର ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୁନିଗୁଡା ଆମ ବସଷ୍ଟାଣ୍ଡ ପରିସର ରେ ଥିବା ୧୭ ଗୋଟି ଦୋକାନ ଗୃହ ଏବଂ ୧ ଗୋଟି କ୍ୟାଫେ ନୁ ଭଡା ସୂତ୍ରରେ ଦେବା ପାଇଁ ପଞ୍ଚାୟତ ସମିତି, ମୁନିଗୁଡା ଦ୍ୱାରା ସ୍ଥିର କରାଯାଇଅଛି ।

ଏହି ଦୋକାନ ଗୃହ ଗୁଡିକୁ ଭଡାରେ ନେବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନେ ପଞ୍ଚାୟତ ସମିତିର ଥିବା ଯୋଗ୍ୟତା ଏବଂ ଅନ୍ୟ ସର୍ତ୍ତାବଳୀ ଗୁଡିକୁ ଦୃଷ୍ଟି ରେ ରଖି ଅଂଶଗ୍ରହଣ କରିପାରିବେ ।

**ସାରଣୀ**

| ଦୋକାନ ଗୃହ ନଂ | ଆକାର | ମାସିକ ଭଡା | ଅମାନତ ଟଙ୍କା ଜମାର ପରିମାଣ |
|---|---|---|---|
| ୦୧,୦୨,୦୩,.......୧୭ | ୧୩*୧୦ ଫୁଟ | ₹୬୦୦୦/- | ₹୨୦୦୦୦/- |

| କ୍ୟାଫେ ଗୃହ ନଂ | ଆକାର | ମାସିକ ଭଡା | ଅମାନତ ଟଙ୍କା ଜମାର ପରିମାଣ |
|---|---|---|---|
| ୧୮ | ୪୭*୧୮ ଫୁଟ | ₹୧୨୦୦୦/- | ₹୩୦୦୦୦/- |

**ଯୋଗ୍ୟତା :-**

୧ – ଆବେଦନକାରୀ ମୁନିଗୁଡା ପଞ୍ଚାୟତ ସମିତି ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨ -ଆବେଦନକାରୀ କୌଣସି ନିର୍ବାଚିତ ସଭ୍ୟ/ସଭ୍ୟା କିମ୍ବା ସରକାରୀ କର୍ମଚାରୀ ହୋଉନଥିବେ ।

୩ -ଆବେଦନକାରୀ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ର ବକେୟାଦାର ହୋଇନଥିବେ ।

୪- ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ଇତିହାସ ନଥିବ ।

**<u>ଆବେଦନପତ୍ର ଏବଂ ଟେଣ୍ଡର ପ୍ରକିୟାର ନିୟମାବଳୀ :-</u>**

୧- ଆବଶ୍ୟକୀୟ ଆବେଦନପତ୍ର ଏବଂ ଟେଣ୍ଡର ପ୍ରକ୍ରିୟାର ନିୟମବଳି **Website rayagada.odisha.gov.in** ରେ ଉପଲବ୍ଧ ହୋଇଅଛି ।

୨ -ଆବେଦନକାରୀ ଉକ୍ତ ଆବେଦନ ଫର୍ମ download କରି ନିର୍ଧାରିତ ସମୟ ସୀମା ୨୦/୦୫/୨୫ ରୁ ୨୯/୦୫/୨୫ ମଧ୍ୟରେ ସଂଗ୍ରହ କରି ବନ୍ଦ ଲଫାପା ମଧ୍ୟମରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ଥାପିତ ଥିବା ଆବେଦନ ବକ୍ସ ରେ ଦାଖଲ କରିପାରିବେ ।

୩ - ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ମଧ୍ୟ ଆବେଦନ କରିପାରିବେ ଏବଂ କ୍ୟାଫେ ନଂ (୧୮) ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ କୁ ପ୍ରଥମ ସୁଯୋଗ ମିଳିବ। କ୍ୟାଫେ ନଂ(୧୮) ର ମାସିକ ଭଡା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଟ.୧୦,୦୦୦/- ଙ୍କା ରହିବା ବେଳେ ଦୋକାନ ଗୃହ ନଂ ୦୧ ରୁ ୧୭ ର ମାସିକ ଭଡା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଟ. ୫୦୦୦ଙ୍କା ରହିବ।

2025.05.17 09:38

୪- କ୍ୟାଫେ ନଂ (୧୮) ର ମାସିକ ଭଡା ଜନ ସାଧାରଣଙ୍କ ନିମନ୍ତେ ସର୍ବ ନିମ୍ନ ୧୨୦୦୦/-ଟଙ୍କା ରହିବା ବେଳେ ଦୋକାନ ଗୃହ ନଂ ୦୧ ରୁ ୧୭ ର ମାସିକ ଭଡା ଜନ ସାଧାରଣଙ୍କ ନିମନ୍ତେ ସର୍ବ ନିମ୍ନ ୬୦୦୦/- ଟ ଙ୍କା ରହିବ ।

୫ -ଆବେଦନପତ୍ର ଏବଂ ପ୍ରକ୍ରିୟାରେ ଭାଗ ନେବା ପାଇଁ ଜଣେ ଆବେଦନକାରୀ ଙ୍କୁ ପ୍ରତି ଦୋକାନ ଗୃହ ପାଇଁ ଗୋଟିଏ ଥର ସୁଯୋଗ ମିଳିବ ।

୬ -ତା- ୩୧/୦୫/୨୦୨୫ ରିଖ ଶନିବାର ଦିନ ଘ ୧୦.୦୦ ଟିକା ସମୟରେ ଆବେଦନକାରୀ ମାନଙ୍କ ଉପସ୍ଥିତି ରେଁ ମୁନିଗୁଡା ପଞ୍ଚାୟତ ସମିତି ର ସଭାଗୃହ ଠାରେ ଆବେଦନ ବାକ୍ସ ଖୋଲାଯାଇ ,ପ୍ରତ୍ୟେକ ଦୋକାନ ଗୃହ ନଂ ୧ ରୁ ୧୭ ଏବଂ କ୍ୟାଫେ ନଂ ୧୮ କୁ କ୍ରମାଗତ ଭାବେ ପ୍ରତ୍ୟେକ ଦୋକାନ ଗୃହ ଏବଂ କ୍ୟାଫେ ପାଇଁ ସର୍ବୋଚ୍ଚ ମାସିକ ଭଡା ଉଲ୍ଲେଖ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦେଇ କ୍ରମାନ୍ୱୟରେ ଆବଣ୍ଟନ କରାଯିବ ।

୭ -ଦୋକାନ କିମ୍ବା କ୍ୟାଫେ ର ଭଡା ଅଟିକମ ରେ ଧାର୍ଯ୍ୟ କରାଯାଇଥିବା "ସର୍ବନିମ୍ନ ମାସିକ ଭଡା ପରିମାଣ" କିମ୍ବା ତଦୁର୍ଦ୍ଧ ହେବା ଆବଶ୍ୟକ । ଏହାଠାରୁ କମ୍ ଆବେଦନ କରିଥିଲେ ,ଦରଖାସ୍ତ ନାକଚ କରାଯିବ ।

୮ -କ୍ରମାଗତ ଟେଣ୍ଡର ପ୍ରକ୍ରିୟାରେ ଜଣେ ଆବେଦନକାରୀ କୌଣସି ଦୋକାନ ଗୃହ ପାଇଁ ପ୍ରଥମେ ଯୋଗ୍ୟ ବିବେଚିତ ହେଲେ ଟା ପରବର୍ତ୍ତୀ ଦୋକାନ କିମ୍ବା କ୍ୟାଫେ ପାଇଁ ତାଙ୍କ ଆବେଦନକୁ ଗ୍ରହଣ କରାଯିବ ନାହିଁ । କେବଳ ଗୋଟିଏ ଗୃହ ପାଇଁ ଅଗ୍ରାଧିକାର ଦିଆଯିବ ।

୯ -ଯଦି କୌଣସି ଦୋକାନଗୃହ ଅଥବା କ୍ୟାଫେ ପାଇଁ ସର୍ବୋଚ୍ଚ ମାସିକ ଭଡା ନିର୍ଣ୍ଣୟ ରେ ଦୁଇ କିମ୍ବା ଅଧିକ ଆବେଦନକାରୀ ରହନ୍ତି ତେବେ ସେମାନଙ୍କ ମଧ୍ୟରେ ଲଟେରୀ ମାଧ୍ୟମରେ ବ୍ୟକ୍ତି ଚୟନ କରାଯିବ ।

**<u>ସର୍ତ୍ତାବଳୀ :-</u>**

୧ -ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଥିବା ବ୍ୟକ୍ତି ଧାର୍ଯ୍ୟ ଅମାନତ ଟଙ୍କା ୭ ଦିନ ମଧ୍ୟରେ ପଞ୍ଚାୟତ ସମିତି, ମୁନିଗୁଡା ଠାରେ ଜମାଦେବେ ଓ ଚୁକ୍ତିନାମା କରିବେ ନଥବା ୱେଟିଙ୍ଗ୍ ଲିଷ୍ଟ ପ୍ରକାରେ ଦୋକାନ ଗୃହ ବଣ୍ଟନ କରାଯିବ ।

୨ -ଏହି ନିଲାମ ୫ ବର୍ଷ ପାଇଁ କାଏମ ରହିବ ଏବଂ ପ୍ରତି ବର୍ଷ ଚୁକ୍ତି ଭିତ୍ତିକ ଭଡା ୫% ବୃଦ୍ଧି କରାଯିବ।

୩ -ଦୋକାନ ଗୃହ/କ୍ୟାଫେ ର ମାସିକ ଚୁକ୍ତି ଭିତ୍ତିକ ଭଡା ଟଙ୍କା ପ୍ରତି ମାସରେ ୭ ତାରିଖ ସୁଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁନିଗୁଡା ଠାରେ ପୈଠ କରିବେ ।

୪ -ଭଡା ଟଙ୍କା ପୈଠ କରିବାରେ ଖିଲାପ କରିଲେ ପ୍ରଥମ ମାସରେ ନୋଟିସ କରାଯିବ ,କ୍ରମାଗତ ଦ୍ୱିତୀୟ ମାସରେ ଜୋରିମାନା ଆଗତ କରାଯିବ ଏବଂ କ୍ରମାଗତ ତୃତୀୟ ମାସରେ ଚୁକ୍ତି ରଦ୍ଦ କରାଯିବ ଏବଂ ଅମାନତ ପରିମାଣ ର ବକେୟା ଭଡା ଏବଂ ଜୋରିମାନା ଆଦାୟ କରାଯିବ ।

୫ -ଦୋକାନୀ ଦୋକାନ ଗୃହ ର ବିଦ୍ୟୁତ ନିଜ ନାମରେ ସଂଯୋଗ କରି ନିଜେ ବିଲ୍ ପୈଠ କରିବେ ।

୬ -ଦୋକାନୀ ନେଇଥିବା ଦୋକାନ ଗୃହର ଢାଞ୍ଚା କୁ ପରିବର୍ତ୍ତନ କିମ୍ବା ରୂପାନ୍ତରିତ କରିପାରିବେ ନାହିଁ ।

୭ -ଦୋକାନ ଗୃହକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ପୁନର୍ବାର ହସ୍ତାନ୍ତର ବ ଭଡା ସୂତ୍ର ରେ ଦେଇପାରିବେ ନାହିଁ ।

୮ -ଦୋକାନ ଗୃହରେ କୌଣସି ନିଷିଦ୍ଧ ମଦକ ଦ୍ରବ୍ୟ କିମ୍ବା ବେଆଇନ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ ।

୯ -ଦୋକାନୀ ବଜାର ମୂଲ୍ୟ ଠାରୁ ଅଧିକ ମୂଲ୍ୟରେ କୌଣସି ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ ।

***<u>ଚୁକ୍ତି ରଦ୍ଦ ନିୟମାବଳୀ :-</u>***

୧ -ଦୋକାନୀ ଚୁକ୍ତି ରଦ୍ଦ କରିବାକୁ ଇଚ୍ଛୁକ ହେଲେ,ଚୁକ୍ତିନାମା ର ୧ ବର୍ଷ ପରେ ୦୩ ମାସ ନୋଟିସ ପଞ୍ଚାୟତ ସମିତି, ମୁନିଗୁଡା ଠାରେ ଦେଇ ଚୁକ୍ତି ରଦ୍ଦ କରିପାରିବେ ।

୨ -ଚୁକ୍ତିନାମା ର ୧ ବର୍ଷ ମଧ୍ୟରେ ଦୋକାନୀ ଚୁକ୍ତି ରଦ୍ଦ କରିବାକୁ ଆବେଦନ କରିଲେ, ଜମା କରିଥିବା ଅମାନତ ପରିମାଣ ଫେରସ୍ତ କରାଯିବ ନାହିଁ ।

୩ -ବେଆଇନ କାର୍ଯ୍ୟକଳାପ କିମ୍ବା ବିଶୃଙ୍ଖଳା ଯୋଗୁଁ ଅଥବା ଅନ୍ୟ କୌଣସି ଦଲିଲ୍ ଭିତିରେ ଯେକୌଣସି ସମୟରେ ଚୁକ୍ତି ରଦ୍ଦ କରିବାର ନିମ୍ନ ସ୍ୱାକ୍ଷରକାରୀଙ୍କ ବିନା ନୋଟିସ୍ ରେ କରିପାରିବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମୁନିଗୁଡା

2025.05.17 09:39

ପରିପତ୍ର ସଂଖ୍ୟା - 1600/2025 ତାରିଖ- 13.05.2025

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ , ମୁନିଗୁଡା ର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମୁନିଗୁଡା

ପରିପତ୍ର ସଂଖ୍ୟା - 1601/2025 ତାରିଖ- 13.05.2025

ଏହାର ଏକକିତା ନକଲ ସମସ୍ତ ସରପଞ୍ଚଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ ନିଜ ଗ୍ରାମ ପଞ୍ଚାୟତ ର ବିଜ୍ଞାପନ ଫଳକ ଓ ଛକ ଜାଗା ମାନଙ୍କରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମୁନିଗୁଡା

ପରିପତ୍ର ସଂଖ୍ୟା - 1602/2025 ତାରିଖ- 13.05.2025

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ମୁନିଗୁଡା /CDPO Project, ମୁନିଗୁଡା /IIC, Police Station, ମୁନିଗୁଡା ର ବିଜ୍ଞାପନ ଫଳକ ରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମୁନିଗୁଡା

ପରିପତ୍ର ସଂଖ୍ୟା - 1603/2025 ତାରିଖ- 13.05.2025

ଏହାର ଏକକିତା ନକଲ ଜିଲ୍ଲାପାଳ , ରାୟଗଡା /ଜିଲ୍ଲା ମୁଖ୍ୟ ଅଧିକାରୀ ତଥା EO, ଜିଲ୍ଲା ପରିଷଦ , ରାୟଗଡା / ଉପ ଜିଲ୍ଲାପାଳ ଗୁଣୁପୁର /ଜିଲ୍ଲା ପଞ୍ଚାୟତ ଅଧିକାରୀ ରାୟଗଡାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମୁନିଗୁଡା

2025.05.17 09:39